# ଗିରିଜାଙ୍କ ବଦଳିପରେ ସୋସିଆଲ ମିଡିଆରେ ଚର୍ଚ୍ଚା

**ଅନୁଗୋଳ, ୨୩।୭(ଅମିତ ସାମଲ)**

## ମହଙ୍ଗାପଡୁଛି ରାଜନେତାଙ୍କ ସହ ବିବାଦ

ଅନୁଗୋଳ ପୌରାଞ୍ଚଳରେ ରାଜନେତାଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ମତଭେଦ ବଢ଼ିବାରେ ଲାଗିଛି। ଏହାର ଫଳ ଭୋଗୁଛନ୍ତି ସରକାରୀ ଅଧିକାରୀ। ସେମାନଙ୍କୁ ରାତାରାତି ବଦଳି କରି ଦିଆଯାଉଥିବା ସୋସିଆଲ୍ ମିଡିଆରେ ଆଲୋଚନା ହେଉଛି। ଗତ ଦିନରେ ଏଭଳି ୨ଟି ଘଟଣାରେ ରାଜନୈତିକ ବିବାଦ ଉଣା ଅଧିକେ ରହିଥିବା ଚର୍ଚ୍ଚା ହେଉଥିଲା। ତେବେ ନିକଟରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ଅଚାନକ ବଦଳି ଏହି ଚର୍ଚ୍ଚାକୁ ଆହୁରି ଖୋରାକ୍ ଯୋଗାଇଛି। ଏହି ଘଟଣା ପରେ ଅନୁଗୋଳର ଜଣେ ବରିଷ୍ଠ ରାଜନେତାଙ୍କ ସମର୍ଥକମାନେ ବାଣ ଫୁଟାଇ ଖୁସି ମନାଇବା ବେଳର ଫଟୋ ଏବେ ସୋସିଆଲ୍ ମିଡିଆରେ ଘୂରିବୁଲୁଛି, ଯାହା ଆଲୋଚନାର ବିଷୟ ପାଲଟିଛି।

୨୦୧୮ରେ ଅନୁଗୋଳ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଭାବେ ଶୁଭେନ୍ଦୁ କୁମାର ଜେନା ଯୋଗଦେଇଥିଲେ। ଏହାପରେ ପ୍ରଶାସନ ହାତରୁ ପୌରପାଳିକାକୁ କ୍ଷମତା ହସ୍ତାନ୍ତର କରାଯାଇଥିଲା। ଅନୁଗୋଳ ପୌରପାଳିକାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଥିବାବେଳେ ସ୍ଥାନୀୟ ଅଞ୍ଚଳର ଜଣେ ବାହୁବଳୀ ନେତାଙ୍କ ସମର୍ଥକ ଆସି ତାଙ୍କୁ ଜନ୍ମ ପଞ୍ଜୀକରଣ ଫର୍ମରେ ଦସ୍ତଖତ କରିବାକୁ କହିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଥିବାରୁ ଏଥିରେ ବିରକ୍ତ ହୋଇ ନିର୍ବାହୀ ଅଧିକାରୀ ଫର୍ମ ଫିଙ୍ଗି ଦେଇଥିଲେ। ଏହାପରେ ସମ୍ପୃକ୍ତ ସମର୍ଥକ ଜଣକ ଫର୍ମ ଧରି ଚାଲିଯାଇଥିଲେ। ଘଟଣାକୁ ନେଇ ଚର୍ଚ୍ଚା ନ ଥମୁଣୁ ତାଙ୍କୁ ବିଦା କରି ଦିଆଗଲା। ୨୦୧୯ରେ ବିନୋଦ ଚନ୍ଦ୍ର ପଣ୍ଡା ନିର୍ବାହୀ ଅଧିକାରୀ ଦାୟିତ୍ୱ ନେବା ପରେ ଅନୁରୂପ ଘଟଣା ଘଟିଥିଲା। କୋଭିଡ୍ ଲକ୍‌ଡାଉନ୍ ସମୟରେ ବିଧାୟକଙ୍କ ପୁଅ ତଥା ବିଜେଡି ଯୁବନେତା ଅରୁଣାଭ ସିଂ ଏକ କ୍ଲବରେ ଜନ୍ମଦିନ ପାଳନ କରିବା ସହ ଉତ୍ସବର ଫଟୋ ସୋସିଆଲ ମିଡିଆରେ ଛାଡ଼ିଥିଲେ।




ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ନିର୍ବାହୀ ଅଧିକାରୀ ପଣ୍ଡା ଏ ନେଇ ଅରୁଣାଭଙ୍କ ନାମରେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜରିମାନା ଗଣିବା ପରେ ଅରୁଣାଭ ଥାନାରୁ ବେଲ୍‌ରେ ଆସିଥିଲେ। ଏହି ଘଟଣା ପରେ ନିର୍ବାହୀ ଅଧିକାରୀଙ୍କ ହଠାତ୍ ବଦଳି ହୋଇଯାଇଥିଲା। ନିକଟରେ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ କ୍ଷେତ୍ରରେ ସମାନ ଘଟଣା ଘଟିଛି। ୨୦୨୦ରେ ଅନୁଗୋଳ ପୌରପାଳିକାର ପ୍ରଶାସନିକ ଦାୟିତ୍ୱ ନେଇଥିଲେ ଗିରିଜା ଶଙ୍କର। ଗତ ୧୪ ତାରିଖରେ ପୌରପାଳିକା ଭିଜିଲାନ୍ସ କମିଟି ବୈଠକ ବସିଥିବାବେଳେ ବିଧାୟକଙ୍କ ପ୍ରତିନିଧି ଅଜିତ୍ ପ୍ରସାଦ ଦ୍ୱିବେଦୀ (ଦୀପୁ) ଅଧିକାରୀଙ୍କ ଚୌକିରେ ବସିପଡ଼ିଥିଲେ। ନିର୍ବାହୀ ଅଧିକାରୀ ତାଙ୍କ ଚୌକି ପଛରେ ଛିଡ଼ା ହୋଇଥିଲେ। ଏହି ଘଟଣା ପରେ ହଠାତ୍ ଦୀପୁ ବୈଠକରୁ ଚାଲି ଯାଇଥିଲେ। ଘଟଣାର ୬ଦିନ ପରେ ନିର୍ବାହୀ ଅଧିକାରୀ ମଲ୍ଲିକଙ୍କୁ ବଦଳି କରାଯାଇଛି। ଏ ସମ୍ପର୍କିତ ନିର୍ଦ୍ଦେଶନାମା ବାହାରିବା ପରେ ସହରରେ ଶାସକ ଦଳର କେତେଜଣ କର୍ମୀ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ଅନ୍ୟ କେତେଜଣ ସାମାଜିକ ଗଣମାଧ୍ୟମରେ ବିଧାୟକ ତାଙ୍କ କାମ କରି ଦେଖାଇଲେ ବୋଲି ନିର୍ବାହୀ ଅଧିକାରୀଙ୍କୁ ଇଙ୍ଗିତ କରି ପୋଷ୍ଟ ମଧ୍ୟ କରିଥିଲେ। ଏସବୁ ଭିତରେ ବାଣଫୁଟା କାର୍ଯ୍ୟକ୍ରମରେ ସମସ୍ତ କାଉନ୍‌ସିଲର କାହିଁକି ସାମିଲ ହେଲେ ନାହିଁ ବୋଲି ରବିବାର ଅପରାହ୍ନରେ ଅନୁଷ୍ଠିତ ଏକ ବୈଠକରେ ବିଧାୟକ ପ୍ରଶ୍ନ କରିଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଏହାକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି। ଏଭଳି ରାଜନୈତିକ ଆକ୍ରୋଶରୁ ବାରମ୍ବାର ସରକାରୀ ଅଧିକାରୀଙ୍କ ବଦଳି ବିକାଶରେ ବାଧା ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି।

ଏ ସଂକ୍ରାନ୍ତରେ ବିଧାୟକଙ୍କ ସହ ତାଙ୍କ ମୋବାଇଲରେ ଯୋଗାଯୋଗ କରାଯିବାକୁ ଉଦ୍ୟମ କରାଯାଇଥିବା ବେଳେ ସମ୍ପର୍କ ହୋଇପାରି ନ ଥିଲା। ଫଳରେ ତାଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଅନୁଗୋଳରେ ମାତିଛନ୍ତି ଜମି ଦଲାଲ

**ଅନୁଗୋଳ, ୨୩।୭(ଅମିତ୍ ସାମଲ)**

## ଯୁବକଙ୍କଠାରୁ ୧୭ ଲକ୍ଷ ନେଇ ଛୁ

ଅନୁଗୋଳ ସହର ଉପକଣ୍ଠରେ ଜମି କିଣିବା ଲାଗି ଯୋଜନା କରୁଥିବା ବେଳେ ଜଣେ ଯୁବକ ଦଲାଲଙ୍କ ହାବୁଡ଼ରେ ପଡ଼ିଛନ୍ତି। ଅଭିଯୁକ୍ତ ଜଣକ ଯୁବକଙ୍କ ନିକଟରୁ ୧୭ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଖଲାରୀ ଗ୍ରାମର ରଞ୍ଜିତ ଦାସ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୩୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ରଞ୍ଜିତ ସହର ଉପକଣ୍ଠରେ ଜାଗା କିଣିବାକୁ ଖୋଜୁଥିଲେ। ଶିମିଳିପଡ଼ାରେ ଦୋକାନ କରିଥିବା ସଦର ଥାନା ଜାମୁନାଲୀ ଅଞ୍ଚଳର ଜଣେ ଯୁବକ ଏ ସମ୍ପର୍କରେ ଜାଣିବା ପରେ ରଞ୍ଜିତଙ୍କ ସହ ଯୋଗାଯୋଗ କରିଥିଲେ। ଷ୍ଟେଶନ ନିକଟ ରାଣୀଗୁଡ଼ା ପାଖରେ ତାଙ୍କ ସମ୍ପର୍କୀୟଙ୍କ ଏକ ଜାଗା ରହିଛି। ଏହାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ହେଲେ ଚିହ୍ନା ପରିଚିତଙ୍କ ମାଧ୍ୟମରେ ଆସିଥିବାରୁ ରଞ୍ଜିତଙ୍କ ଲାଗି କାଟ୍‌ଛାଟ୍ କରାଯିବ ବୋଲି କହିଥିଲେ। ରଞ୍ଜିତ୍ ସମ୍ପୃକ୍ତ ଯୁବକଙ୍କ ସହ ଜାଗା ଦେଖିବାକୁ ଯାଇଥିଲେ। ହେଲେ ସେ ଅନ୍ୟ ଜଣଙ୍କ ପ୍ଲଟ୍ ଦେଖାଇ ତାଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଥିଲେ। ଏଥିଲାଗି ରଞ୍ଜିତ୍‌ଙ୍କଠାରୁ ପ୍ରଥମେ ନଗଦ ୪ ଲକ୍ଷ ଟଙ୍କା ନେଇଥିଲେ। ଜମି ରେଜିଷ୍ଟ୍ରେଶନ୍ ହେବ କହି ତାଙ୍କଠାରୁ ପୁଣି ୨ ଲକ୍ଷ ୮୦ ହଜାର ଟଙ୍କା ନେଇଥିଲେ। ଅବଶିଷ୍ଟ ୧୦ ଲକ୍ଷ ୨୦ ହଜାର ଟଙ୍କା ରଞ୍ଜିତ ତାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଗତ ଶୁକ୍ରବାର ଜମି ରେଜିଷ୍ଟ୍ରେଶନ କରାଯିବ ବୋଲି ଅଭିଯୁକ୍ତ ଜଣକ କହିଥିଲେ। ଏଥିଲାଗି ରଞ୍ଜିତ୍‌ଙ୍କୁ ରେଜିଷ୍ଟ୍ରି ଅଫିସ୍‌ରେ ଅପେକ୍ଷା କରିବାକୁ କହିଥିଲେ। ତେବେ ସମ୍ପୃକ୍ତ ସମ୍ପର୍କୀୟଙ୍କୁ ଆଣିବା ପରେ ଜମି ରେଜେଷ୍ଟ୍ରି ହେବ ବୋଲି କହି ଦଲାଲ ଜଣକ ଚମ୍ପଟ୍ ମାରିଥିଲେ। ରଞ୍ଜିତ୍ ଦସ୍ତାବିଜ୍ ଧରି ବସିଥିଲେ ମଧ୍ୟ ସେ ଆଉ ଫେରି ନ ଥିଲେ। ଏପରି କି ଫୋନ୍ ମଧ୍ୟ ଉଠାଇ ନ ଥିଲେ। ବନ୍ଧୁଙ୍କ ନମ୍ବରରୁ ଫୋନ୍ କରିବା ପରେ ଦଲାଲ୍ ଜଣଙ୍କ ରଞ୍ଜିତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ପୋଲିସର ଦ୍ୱାରସ୍ଥ ହୋଇଥିଲେ।

# 'ନାଲ୍‌କୋକୁ ଘରୋଇକରଣ ଚକ୍ରାନ୍ତ ହେଉଛି'

**ବଣ୍ଡରପାଳ, ୨୩।୭(ଉପେନ୍ଦ୍ର ରାଉତ)**

ନବରତ୍ନ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋକୁ ଘରୋଇକରଣ କରାଯିବାକୁ ଷଡ଼ଯନ୍ତ୍ର ହେଉଛି ବୋଲି ଶ୍ରମିକ ସଙ୍ଗଠନ ନେପୁ ପକ୍ଷରୁ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସାଧାରଣ ସମ୍ପାଦକ ବୈରାଗୀ ସେଠଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନେପୁ ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଉଦ୍ୟମରେ ଲିନ୍‌ସ୍ଲରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବହୁ ବେକାର ଯୁବତୀଯୁବକ ନିଯୁକ୍ତି ପାଇଛନ୍ତି। ହେଲେ ତାଙ୍କୁ ଅଯଥାରେ ବଦନାମ କରାଯାଉଛି ବୋଲି ୟୁନିୟନ୍ ପକ୍ଷରୁ କୁହାଯାଇଛି। ନାଲ୍‌କୋ କର୍ତ୍ତୃପକ୍ଷ ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାର ପ୍ରତିବାଦରେ ଗତ ମେ' ରେ ସଭାପତି ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ୧୫ ଦଫା ଦାବି ନେଇ ନାଲ୍‌କୋ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟରେ ମଧ୍ୟ ନେପୁ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁ ନାଲ୍‌କୋରେ ଘୋର କୋଇଲା ସଙ୍କଟ ଦେଖାଦେଇଛି। ଉତ୍କଳ ଡି କୋଲ ବ୍ଲକ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ପାଉଁଶ ନିଷ୍କାସନ ଠିକ୍ ଭାବେ ହେଉନାହିଁ। ପୋଖରୀରେ ପାଉଁଶ ରଖିବା କ୍ଷମତା ନାହିଁ। ସ୍ମେଲଟର ଓ ସିପିପିରେ ବହୁ ସମସ୍ୟା ଦେଖାଦେଇଛି ବୋଲି ଅଭିଯୋଗ କରାଯାଇଛି। ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ବେହେରା, ଏସ୍.ଏସ୍. ବାଗ, ଜିତେନ୍ଦ୍ର ଜେନା, ଅସିତ୍ ସାହୁ, ସ୍ୱରୂପ ଗଡ଼ନାୟକ, ବୁବୁ ସାହୁ, ସୁଧାକର ବେହେରା, ବିମଲ ସାମନ୍ତ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେପୁର କର୍ମକର୍ତ୍ତାମାନେ।

# କେନାଲରେ ବୁଡ଼ି ଯୁବକ ନିଖୋଜ

**ବଣ୍ଡରପାଳ, ୨୩।୭(ଉପେନ୍ଦ୍ର ରାଉତ)**

ବଣ୍ଡରପାଳ ଥାନା ବୁଢାପଙ୍କ କେନାଲକୁ ଗାଧୋଇବାକୁ ଯାଇଥିବା ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସୁବାଶିଷ ନାୟକ। ଘଟଣାରୁ ଜଣାପଡ଼ିଛି, ସୁବାଶିଷ ୩ ଜଣ ସାଙ୍ଗଙ୍କ ସହ ରବିବାର କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ସୁବାଶିଷଙ୍କ ଗୋଡ଼ ଖସି ଯିବାରୁ ସେ ପାଣି ସୁଅରେ ଭାସି ଯାଇଥିଲେ। ଖବର ଲେଖାଯିବା ସୁଦ୍ଧା ତାଙ୍କର ସନ୍ଧାନ ମିଳିପାରି ନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

# ବିଏମ୍‌ଏସ୍‌ର ନୀତିଆଦର୍ଶକୁ ପ୍ରଶଂସା

**ବଣ୍ଡରପାଳ, ୨୩।୭(ଉପେନ୍ଦ୍ର ରାଉତ)**

ଭାରତୀୟ ମଜଦୁର୍ ସଂଘର ପ୍ରତିଷ୍ଠା ଦିବସ ରବିବାର ନାଲ୍‌କୋ କ୍ଲବ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମାନବ ସମ୍ବଳ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ର ଯୋଗଦେଇ ବିଏମ୍‌ଏସର ନୀତିଆଦର୍ଶକୁ ପ୍ରଶଂସା କରିଥିଲେ। ନାଲ୍‌କୋ ପ୍ଲାଣ୍ଟର ଉନ୍ନତି ଓ ସୁରକ୍ଷା ଦିଗରେ ଯତ୍ନବାନ ହୋଇ ସମସ୍ତ ଶ୍ରମିକ ଏକତ୍ରିତ ହୋଇ ଉଦ୍ୟମ କରିବା ଦରକାର ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ।

ନାଲ୍‌କୋ ବିଦ୍ୟୁତ୍ ମଜଦୁର୍ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶ୍ରମିକ ନେତା ଗୋକୁଳାନନ୍ଦ ଜେନା, ସମ୍ମାନିତ ଅତିଥି ନାଲ୍‌କୋ ଇଡି ଅମିୟ ସ୍ୱାଇଁ, ନାଲ୍‌କୋ ମହାପ୍ରବନ୍ଧକ ଏସ୍. ବସୁ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ମନୋଜ ଅମାନ୍ତ ଗତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

୧୯ ବର୍ଷ ମଧ୍ୟରେ ବିଏମ୍‌ଏସ ଶ୍ରମିକଙ୍କ ହିତ ପାଇଁ ଯେଉଁ କାର୍ଯ୍ୟ କରିଆସିଛି, ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ଲାଣ୍ଟର ବିଭିନ୍ନ ସମସ୍ୟା, ଶ୍ରମିକଙ୍କ ନ୍ୟାଯ୍ୟଦାବି, ବିଏମ୍‌ଏସର କାର୍ଯ୍ୟଧାରା ଉପରେ ଆଲୋଚନା ହୋଇଥିଲା। ସଂଘ ସଭାପତି ପ୍ରସନ୍ନ ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ସଂଘ ଯୁଗ୍ମ ସମ୍ପାଦକ ନିରଞ୍ଜନ ପାତ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମିଶ୍ର, ପ୍ରକାଶ ସିଂ, ଟିକନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପର୍ଶୁରାମ ସ୍ୱାଇଁ, ସମୀର ସିଂ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାନ ବେହେରା ଧନ୍ୟବାଦ ଦେଇଥିଲେ।

# ଚୋରା କୋଇଲା ଚାଲାଣ, ୩ ଗିରଫ

**ଅନୁଗୋଳ, ୨୩।୭(ଅମିତ୍ ସାମଲ)**

ଅନୁଗୋଳ ଜିଲା କୋଲିୟରୀ ଥାନା ଅଞ୍ଚଳରେ ଚୋରା କୋଇଲା ଚାଲାଣ ସମୟରେ ୩ ଜଣଙ୍କୁ କାବୁ କରିଛି ପୋଲିସ। ସେମାନେ ହେଲେ ବାଲୁଙ୍ଗା ହଟିଂର ଅନଙ୍ଗରାମ୍ ସାରଥି (୪୦), ତାଳଚେର ସହର ଜମ୍ବୁବଣିଆ ସାହିର ପ୍ରଦୀପ ରାଉତ (୪୦) ଏବଂ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ଖଲିବାହାଳର ବିଶ୍ୱଜିତ୍ ନାଥ (୨୭)। ଅଭିଯୁକ୍ତଙ୍କ ନିକଟରୁ ୨ଟି ନମ୍ବର ବିହୀନ ସ୍କୁଟର, ଗୋଟିଏ ବାଇକ୍ (ନଂ. ଓଡି ୦୨ ଆର ୫୨୫୩) ସହ ୭ କୁଇଣ୍ଟାଲ ଚୋରା କୋଇଲା ଜବତ କରାଯାଇଛି। ଏ ନେଇ ଥାନାରେ ୩ଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, କୋଲିୟରୀ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କୋଇଲା ଚୋରା ଚାଲାଣ ହେଉଥିବା ସନ୍ଦେହରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଅଟକାଇଥିଲା। କୋଇଲା କେଉଁଠାରୁ ଆଣୁଥିଲ ବୋଲି ପଚାରିବାରୁ କେହି ସ୍ପଷ୍ଟ ସୂଚନା ଦେଇପାରି ନ ଥିଲେ। ଏହାପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

# ରମାଦେବୀଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ, ୨୩।୭(ଅମିତ ସାମଲ)**

ଅନୁଗୋଳ ବାଜି ରାଉତ ଛାତ୍ରାବାସର ଶାନ୍ତି ମନ୍ଦିର ପରିସରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମା' ରମାଦେବୀଙ୍କ ଶ୍ରାଦ୍ଧ ଦିବସ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାର ପ୍ରାରମ୍ଭରେ ରମାଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରାବାସର ପିଲାମାନେ ପ୍ରାରମ୍ଭିକ ସଙ୍ଗୀତ, ଶାନ୍ତି ପାଠ ଏବଂ ସୂତ୍ରଯଜ୍ଞ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା, ଲିପିକା ମହାପାତ୍ର, କୋଷାଧ୍ୟକ୍ଷ ଶଙ୍କର ବେହେରା, ଛାତ୍ର ଶକ୍ତି ବେହେରା ପ୍ରମୁଖ ରମାଦେବୀଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ନାରୀ ଜାଗରଣ ସୃଷ୍ଟି କରିବା, ମହିଳାଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଲାଗି ରମାଦେବୀଙ୍କ ପ୍ରୟାସ ଚିରସ୍ମରଣୀୟ ହୋଇରହିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ରମାଦେବୀଙ୍କ ଜୀବନୀ ଆଧାରିତ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ସ୍ୱାଇଁ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ନାରାୟଣ ମିଶ୍ର, ପ୍ରତିମା ନାୟକ, ଗୁଞ୍ଜରୀ ଦେଇ, ମାମାଲି ଗଡ଼ନାୟକ, ଗାୟତ୍ରୀ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।



ସ୍ମୃତି ସଭାରେ ଉପସ୍ଥିତ ଛାତ୍ରାବାସର ଅନ୍ତେବାସୀମାନେ।

# ଅଗଷ୍ଟ କ୍ରାନ୍ତି ଦିବସକୁ ସଫଳ କରିବାକୁ ଆହ୍ୱାନ

**ଅନୁଗୋଳ, ୨୩।୭(ଅମିତ ସାମଲ)**

ମୋଦି ସରକାରଙ୍କ ଜନବିରୋଧୀ କାର୍ଯ୍ୟ, ଶ୍ରମିକ ମାରଣ ନୀତି ବିରୋଧରେ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ମହାସମାବେଶକୁ ସଫଳ କରିବା ପାଇଁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସ୍ଥାନୀୟ ଶିକ୍ଷକପଡ଼ାଠାରେ ତ୍ରିଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଏ ସଂକ୍ରାନ୍ତ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଏନ୍‌ଟିୟୁସିର ଜିଲା ସଭାପତି ଦିଗମ୍ବର ଗଡ଼ନାୟକ, ବିଦ୍ୟାଧର ସାମଲ, ହୃଦାନନ୍ଦ ରାଉତ, ସୌମେନ୍ଦ୍ର ଦେହୁରୀ, ଏଚ୍‌ଏମ୍‌ଏସ୍‌ର ଜିଲା ସଭାପତି ତ୍ରିଲୋଚନ ପ୍ରଧାନ, ପବିତ୍ର କୁମାର ବିଶ୍ୱାଳ, ସଂସାର ପ୍ରଧାନ, ଭୀମସେନ ସାହୁ, ଅର୍ଜୁନ ସାହୁ, ଉଦୟନାଥ ନାଏକ, ସିଆଇଟିୟୁର ରାଜ୍ୟ ଉପସଭାପତି, ଜିଲା ସାଧାରଣ ସମ୍ପାଦକ ଡା. ଉପେନ୍ଦ୍ର ଶର୍ମା,



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବସନ୍ତ ପଟ୍ଟନାୟକ, ସୀତାରାମ ପ୍ରଧାନ, ରଞ୍ଜନ କୁମାର ନନ୍ଦ, ବିଶ୍ୱନାଥ ସାହୁ, ଏଆଇୟୁଟିୟୁସିର ଜିଲା ସଭାପତି ପ୍ରହ୍ଲାଦ ସାହୁ, ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ସାହୁ, ନୟନା ସାହୁ, ମୋହନଚରଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ୯ବର୍ଷର ଭାଜପା ସରକାରରେ ଦେଶବାସୀ ଶୋଷଣର ଶିକାର ହୋଇଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବୃଦ୍ଧି ପାଇଛି। କର୍ମ କ୍ଷେତ୍ରରେ ଛଟେଇ ବଢ଼ିଛି। ରେଳଯାତ୍ରା ଅସୁରକ୍ଷିତ ହୋଇପଡ଼ିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା ରସାତଳଗାମୀ ହେଲାଣି। ଏଥିପ୍ରତି କେନ୍ଦ୍ର ସରକାରଙ୍କ ସାମାନ୍ୟତମ ଚିନ୍ତା ନାହିଁ। ମଣିପୁରର ନରସଂହାର ଦେଶର ଛବିକୁ ମଳିନ କରିଛି। ଅଗଷ୍ଟ ୯ କ୍ରାନ୍ତି ଦିବସରେ ଏହାର ପ୍ରତିବାଦ କରାଯିବ। ଭୁବନେଶ୍ୱରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାରୁ ବହୁ ସଂଖ୍ୟାରେ ଶ୍ରମିକ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି।

# ଲୋକଙ୍କ କାମକୁ ଗୁରୁତ୍ୱ ଦିଅ

**ବଇଣ୍ଡା, ୨୩।୭(ପରିକ୍ଷିତ ସାହୁ)**

ରାଜ୍ୟର ଜନସାଧାରଣଙ୍କ ଅସୁବିଧା ଦୂର କରିବା ଲାଗି ନବୀନ ସରକାରଙ୍କ ଅମଳରେ ବହୁ ଯୋଜନା କାର୍ଯ୍ୟକାରୀ ହୋଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ କିଭଳି ସମସ୍ତ ସରକାରୀ ଯୋଜନାରେ ସାମିଲ ହେବେ, ସେ ନେଇ ବିଜେଡି କର୍ମୀ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଜରୁରୀ ବୋଲି ରବିବାର ସମ୍ବଲପୁରଠାରେ ଅନୁଷ୍ଠିତ ବିଜେଡିର ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କିଶୋରନଗର ବ୍ଲକ ବାମୁର ପଞ୍ଚାୟତର ଅନନ୍ତ ବେହେରା, ସୁରେନ୍ଦ୍ର ସାହୁ, ବିଦ୍ୟାଧର ସାହୁ, ସରୋଜ ସାହୁ, ସୁଶାନ୍ତ ପ୍ରଧାନ, ସରୋଜ ପ୍ରଧାନ, ଶିବ ବେହେରା, ନିରଞ୍ଜନ ସାହୁ, ସଞ୍ଜୟ ବେହେରା, ମନୋଜ ବେହେରା, ଅସିତ୍ ପ୍ରଧାନ, ଜୀବନ ଦେହୁରୀ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।



ବିଜେଡିରେ ସାମିଲ ହୋଇଥିବା ବିଭିନ୍ନ ଦଳର କର୍ମୀ।

# ଆନ୍ଦୋଳନ ତୀବ୍ରତର କରାଯିବ

## ବର୍ଷିଲା ତାଳଚେର ସୁରକ୍ଷା ମଞ୍ଚ

**ତାଳଚେର, ୨୩।୭(ମନୋଜ ନନ୍ଦ)**

ନାଲ୍‌କୋ ଦ୍ୱାରା କ୍ଷତିଗ୍ରସ୍ତ ୫ ପଞ୍ଚାୟତର ବାସିନ୍ଦା ତାଳଚେର ସୁରକ୍ଷା ମଞ୍ଚ ନେତୃତ୍ୱରେ ଗତ ୧୩ରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତେବେ କମ୍ପାନୀ କର୍ତ୍ତୃପକ୍ଷ ମୂଳ ସମସ୍ୟା ସମାଧାନ କରିବା ବଦଳରେ କେତେକ ନିର୍ଦ୍ଦିଷ୍ଟ ଶ୍ରମିକ ସଙ୍ଗଠନ ମାଧ୍ୟମରେ ପ୍ରସଙ୍ଗକୁ ବିଭ୍ରାନ୍ତି କରିବାକୁ ଉଦ୍ୟମ କରୁଛନ୍ତି। କୌଣସି କାରଣ ନ ଥାଇ ବିବାଦ ଭିତରକୁ ସ୍ଥାନୀୟ ବିଧାୟକଙ୍କୁ ଟଣାଯାଉଛି ବୋଲି ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି।

ମଞ୍ଚର ଅଭିଯୋଗ ଅନୁଯାୟୀ, ତାଳଚେର ବ୍ଲକ ଅନ୍ତର୍ଗତ ଗୋବରା, କର୍ଣ୍ଣପୁର, ବଡ଼ଜୋରଡ଼ା, ଡଅଁରା, ପଦ୍ମାବତୀପୁର ପଞ୍ଚାୟତବାସୀ ନାଲ୍‌କୋ ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଉଛନ୍ତି। ସେମାନେ ନାଲ୍‌କୋରୁ ନିର୍ଗତ ପାଉଁଶକୁ ଏମ୍‌ସିଏଲ୍‌ର ଖୋଲା କୋଇଲା ଖଣିରେ ଭର୍ତ୍ତି କରାଯିବାକୁ ବିରୋଧ କରି ଆସୁଥିଲେ। ପୂର୍ବ ସର୍ତ୍ତାବଳୀ ଉଲ୍ଲଂଘନ କରି କମ୍ପାନୀ ପକ୍ଷରୁ ଚଞ୍ଚକତା ପୂର୍ବକ କେନ୍ଦ୍ରୀୟ ମଞ୍ଜୁରୀ ଅଣାଯାଇଥିଲା। ତାଳଚେରର ଖଣିରେ ପାଉଁଶ ଭର୍ତ୍ତି କରିବା ନିମନ୍ତେ ପାଇପ୍ ଲାଇନ୍ କାର୍ଯ୍ୟ ଆରମ୍ଭ କରିବା ପରେ କ୍ଷତିଗ୍ରସ୍ତ ପ୍ରଜା ଏହାକୁ ତୀବ୍ର ବିରୋଧ କରିଥିଲେ। ପ୍ରଦୂଷଣ ସମସ୍ୟା ଉତ୍କଟ ରୂପ ନେବା ପରେ ତାଳଚେର ସୁରକ୍ଷା ମଞ୍ଚ, କ୍ଷତିଗ୍ରସ୍ତ ପଞ୍ଚାୟତବାସୀ ସେତେବେଳେ ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ତାଳଚେର ବିଧାୟକଙ୍କ ହସ୍ତକ୍ଷେପ ପରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ଏହାର ସମାଧାନର ପନ୍ଥା ବାହାରିଥିଲା। ପାଇପ୍ ଲାଇନ୍ କାର୍ଯ୍ୟକୁ ବିରୋଧ କରୁଥିବା ଲୋକଙ୍କୁ ବୁଝାଶୁଝା କରି କାମ ଆରମ୍ଭ କରିବାକୁ ରାଜି କରାଯାଇଥିଲା। ନାଲ୍‌କୋରେ ସ୍ଥାନୀୟ ଅଞ୍ଚଳବାସୀ ୫୦୦ ଠିକା ଶ୍ରମିକ ନିଯୁକ୍ତି ପାଇଁ ଦାବି କରୁଥିବାବେଳେ କମ୍ପାନୀ ୧୫୦ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ରାଜି ହୋଇଥିଲେ। ତେବେ ପାଉଁଶ ପରିବହନ ଲାଗି ପାଇପ୍ ଲାଇନ୍ କାର୍ଯ୍ୟକ୍ଷମ ହେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ମାତ୍ର ୮୦ ଜଣଙ୍କୁ ଠିକା ନିଯୁକ୍ତି ଦିଆଯାଇଛି। ଅବଶିଷ୍ଟ ୭୦ ଜଣ ଠିକା ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଏଥିସହ ଅଢ଼େଇ ବର୍ଷ ପୂର୍ବରୁ ନିଯୁକ୍ତ ଠିକା ଶ୍ରମିକଙ୍କୁ ଯୋଗ୍ୟତା ଆଧାରରେ ପଦୋନ୍ନତି, ୬୦ ବର୍ଷରେ ଉପନୀତ ହୋଇଥିବା ଠିକା କର୍ମଚାରୀଙ୍କ ବଦଳରେ ତାଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବା ଇତ୍ୟାଦି ଦାବିକୁ ଅଣଦେଖା କରାଯାଉଛି। ଏହାର ପ୍ରତିବାଦରେ ଆନ୍ଦୋଳନ ଚାଲିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଏହାକୁ ଆହୁରି ଜୋର୍‌ଦାର କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

ଖବରଦାତା ସମ୍ମିଳନୀରେ ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁ, ରାଜେଶ ଦାସ, ଲିପୁନା ଭୁକ୍ତା, ଦିଲୀପ ପ୍ରଧାନ, ସୁଧୀର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ତାଳଚେର ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ।

# ଖୋଭ ବ୍ୟକ୍ତ କଲେ ମହେଶ

## ଘୋଷଣାରେ ସୀମିତ ଆକାଂକ୍ଷା ଜିଲା

**ଢେଙ୍କାନାଳ,୨୩।୭(ରତନ ନାୟାର)**

୪ ବର୍ଷ ତଳେ ଢେଙ୍କାନାଳକୁ ମିଳିଥିଲା ଆକାଂକ୍ଷା ଜିଲା ମାନ୍ୟତା। ହେଲେ ଏହା କେବଳ ଘୋଷଣାରେ ସୀମିତ ରହିଛି। ଅଦ୍ୟାବଧି ଜିଲାର ଉନ୍ନତିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାକୁ ନେଇ ପାର୍ଲାମେଣ୍ଟ ଅଧିବେଶନରେ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ଏମ୍‌ପି ମହେଶ ସାହୁ। ପାର୍ଲାମେଣ୍ଟ କାର୍ଯ୍ୟାଳୟରେ ଏ ସଂକ୍ରାନ୍ତରେ ସେ କେନ୍ଦ୍ର ପେଟ୍ରୋଲିୟମ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ହର୍‌ଦୀପ ସିଂ ପୁରୀଙ୍କ ସହ ଆଲୋଚନା କରିଛନ୍ତି। ଇତିମଧ୍ୟରେ ନୀତି ଆୟୋଗ ଅଧିକାରୀମାନେ ଦୁଇଥର ବୈଠକ କରିସାରିଲେଣି। ତଥାପି ଜିଲା ପାଇଁ କୌଣସି ପ୍ୟାକେଜ୍ ଘୋଷଣା କରାଯାଉ ନ ଥିବା ଏମ୍‌ପି କେନ୍ଦ୍ରମନ୍ତ୍ରୀଙ୍କୁ କହିଛନ୍ତି।

ବିଭିନ୍ନ ପବ୍ଲିକ ସର୍ଭିସ ୟୁନିଟ୍ ମାଧ୍ୟମରେ କେନ୍ଦ୍ର ସରକାର ଆକାଂକ୍ଷା ଜିଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ଗମନାଗମନ, ଅପପୁଷ୍ଟି ରୋକିବା, ଅପହଞ୍ଚ ଅଞ୍ଚଳକୁ ଗମନାଗମନ ବ୍ୟବସ୍ଥା ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଉଛି। ଓଏନ୍‌ଜିସି, ଆଇଓସିଏଲ୍, ଗେଲ୍, ନାଲ୍‌କୋ ଓ ଏମ୍‌ସିଏଲ୍ ଭଳି କେନ୍ଦ୍ର ସରକାର ପରିଚାଳିତ ସଂସ୍ଥା ଅନୁଦାନରେ ଢେଙ୍କାନାଳ ଜିଲାର ଉନ୍ନତି ନିମନ୍ତେ ଯୋଜନା ପ୍ରସ୍ତୁତ କରିବା, ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଏମ୍‌ପି କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀ ଦାବିଗୁଡ଼ିକ ପ୍ରତି ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ରବିବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏମ୍‌ପି ସୂଚନା ଦେଇଛନ୍ତି। ସେହିପରି ଢେଙ୍କାନାଳ ଲୋକ ସଭା ଅଧୀନରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ପାରିପାର୍ଶ୍ୱିକ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିବା ଏମ୍‌ପି କହିଛନ୍ତି।


କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ସହ ଏମ୍‌ପି ମହେଶ ସାହୁ।

## ସଂକ୍ଷେପରେ

### ମହିମା ଅନୁଗାମୀଙ୍କ ପରଲୋକ

**ଢେଙ୍କାନାଳ,୨୩।୭(ରତନ ନାୟାର)**- ଢେଙ୍କାନାଳ ଜିଲା ସଦର ବ୍ଲକ ଚାଉଳିଆ ପଞ୍ଚାୟତ ଖଣ୍ଡିଆବନ୍ଧ ଗ୍ରାମର ମହିମା ଧର୍ମାବଲମ୍ବୀ ମାଧବ ରାଉତ(୯୭)ଙ୍କ ରବିବାର ପରଲୋକ ହୋଇଯାଇଛି। ବାଲ୍ୟବସ୍ଥାରୁ ସେ ମହିମାଧର୍ମ ପ୍ରତି ଆକୃଷ୍ଟ ହୋଇ ଏଥିରେ ଦୀକ୍ଷିତ ହୋଇଥିଲେ। ତାଙ୍କ ପରଲୋକରେ କୌପୀନଧାରୀ ମହିମା ସମାଜର ଅଧ୍ୟକ୍ଷ ରଘୁନାଥ ବାବା, ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ଏବଂ କୌପୀନଧାରୀ ମହିମା ସମାଜ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ କୃତ୍ତିବାସ ରାଉତଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ମହିମାଧର୍ମର ରୀତିନୀତି ଅନୁଯାୟୀ ତାଙ୍କୁ ସମାଧି ଦିଆଯାଇଥିଲା।



### ଅଗ୍ନିକାଣ୍ଡ: ୨ ପରିବାର ସର୍ବସ୍ୱାନ୍ତ

**ପରଜଙ୍ଗ, ୨୩।୭(ନିଗମାନନ୍ଦ ଦଳବେହେରା)**-ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କଡ଼ାସୋଡ଼ା ପଞ୍ଚାୟତ ଗଡ଼ମୁହାଁ ସାହିରେ ରବିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୨ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ସୂଚନା ପାଇ ପରଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସେତେବେଳକୁ ସବୁ କିଛି ପୋଡ଼ି ନଷ୍ଟ ହୋଇଯାଇଥିଲା। ଏଥିରେ ଭଗବାନ ସିଂ, କୃଷ୍ଣ ଚନ୍ଦ୍ର ସିଂ ସର୍ବସ୍ୱ ହରାଇଛନ୍ତି। ସୂଚନା ପାଇ ରାଜସ୍ୱ ବିଭାଗ ଅଧିକାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

### ୨୮ରେ ତାଳଚେରରେ ଏଏପିର ବିଜୁଳି ଆନ୍ଦୋଳନ

**ତାଳଚେର, ୨୩।୭(ମନୋଜ ନନ୍ଦ)**-ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଆସନ୍ତା ୨୮ ତାରିଖରେ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁଳି ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେବେ। ଏ ନେଇ ଦଳର ଜିଲା ସଭାପତି ଜ୍ୟୋତିରଞ୍ଜନ ପଣ୍ଡା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତି ପରିବାରକୁ ୨୦୦ରୁ ୩୦୦ ୟୁନିଟ୍ ନିଃଶୁଳ୍କ ବିଦ୍ୟୁତ୍ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ତ୍ରୁଟିପୂର୍ଣ୍ଣ ବିଲ୍‌ର ସଂଶୋଧନ ଆଦି ଦାବିରେ ଏଏପି ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଉଛି। ତଦନୁଯାୟୀ ତାଳଚେରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିରେ ଜିଲାର ସମସ୍ତ କାର୍ଯ୍ୟକର୍ତ୍ତା, ବିଦ୍ୟୁତ୍ ଉପଭୋକ୍ତା ଯୋଗଦେଇ ଆନ୍ଦୋଳନକୁ ସଫଳ କରିବା ଲାଗି ସଙ୍ଗଠନ ସମ୍ପାଦକ ରଞ୍ଜିତ୍ କୁମାର ମହାପାତ୍ର ନିବେଦନ କରିଛନ୍ତି।

# ସମ୍ବିଧାନ ବଞ୍ଚାଅ ସମାବେଶ

**ଢେଙ୍କାନାଳ,୨୩।୭(ରତନ ନାୟାର)**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସଭାଗୃହରେ ରବିବାର ଭାରତ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ ସଭା ଓଡିଶା ଅଭିଯାନ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ କହିଲେ, ରାମରାଜ୍ୟ ସମୟରେ ଗଣତନ୍ତ୍ର ହୋଇଥିଲା। ଜନମତକୁ ସମର୍ଥନ ଜଣାଇ ପ୍ରଭୁ ଶ୍ରୀରାମ ଚନ୍ଦ୍ର ମାତା ସୀତାଙ୍କୁ ପରିତ୍ୟାଗ କରିଥିଲେ। କିନ୍ତୁ ବର୍ତ୍ତମାନ ଭାରତର ଶାସନ ଗଣତନ୍ତ୍ରକୁ ହତ୍ୟାକାରୀ ଏକଛତ୍ରବାଦୀ ଶାସନ ଚାଲିଛି। ସମ୍ବିଧାନକୁ ବଦଳାଇବା ଉଦ୍ୟମ ଚାଲିଛି। ସମାଜବାଦୀ ନେତା ରବି ବେହେରା, ସମସ୍ତ ପ୍ରଗତିଶୀଳ ଓ ଗଣତାନ୍ତ୍ରିକ ଅନୁଷ୍ଠାନ ଏକାଠି ହୋଇ ଏହା ବିରୋଧରେ ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ସବ୍‌କା ସାଥ୍, ସବ୍‌କା ବିକାଶ ନାମରେ ଆଦାନୀ ଏବଂ ଅମ୍ବାନୀ ପ୍ରମୁଖ କର୍ପୋରେଟ୍ ହାଉସ୍‌କୁ ଦେଶର ସମ୍ପତ୍ତିକୁ ଟେକି ଦିଆଯାଉଛି। ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ଦ୍ରବ୍ୟର ଅହେତୁକ ମୂଲ୍ୟବୃଦ୍ଧି ଓ ପେଟ୍ରୋଲ୍ ଦର ମଧ୍ୟବିତ୍ତ ପରିବାରର ଅର୍ଥନୀତିକୁ ଦୁର୍ବଳ କରି ଦେଉଛି ବୋଲି ବକ୍ତାମାନେ କହିଥିଲେ। ପ୍ରାରମ୍ଭରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ୍ ହୋଇଥିବା ନେତୃବୃନ୍ଦମାନଙ୍କ ପାଇଁ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଶେଷରେ ସମତା କ୍ରାନ୍ତି ଦଳର ଢେଙ୍କାନାଳ ପ୍ରତିନିଧି ସରୋଜ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।


ଓଡ଼ିଶା ଅଭିଯାନ କମିଟି ପକ୍ଷରୁ ଆୟୋଜିତ ସମାବେଶ।

# ଆମ୍ବେଦକର ମାର୍ଗକୁ ବିରୋଧ କଲେ ଆନ୍ଦୋଳନ ତୀବ୍ରତର ହେବ

**ଢେଙ୍କାନାଳ,୨୩।୭(ରତନ ନାୟାର)**

ଢେଙ୍କାନାଳ ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ସହରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ନାମରେ ଥିବା ରାସ୍ତାକୁ ଆମ୍ବେଦକର ମାର୍ଗ ଭାବେ ନାମିତ କରାଯାଇଥିଲା। ଆମ୍ବେଦକର ମାର୍ଗକୁ ବିରୋଧ କରାଯାଉଥିବାରୁ ଏହାର ପ୍ରତିବାଦରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ୫୫ନଂ. ଜାତୀୟ ରାଜପଥରୁ ସହର ଆଡକୁ ଯାଇଥିବା ରାସ୍ତାକୁ ପୂର୍ବତନ ନଗରପାଳ ଶରତ ମିଶ୍ରଙ୍କ କାର୍ଯ୍ୟକାଳ ସମୟରେ ଆମ୍ବେଦକର ମାର୍ଗ ନାମରେ ନାମିତ କରାଯାଇ ସେଠାରେ ଫଳକ ଲଗାଯାଇଥିଲା। ପରେ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଫଳକକୁ ଭାଙ୍ଗି ଦିଆଯାଇଥିଲା। କାର୍ଯ୍ୟ ସମାପ୍ତ ପରେ ଆଉ ଫଳକ ଲଗାଯାଇ ନ ଥିଲା। ଏହାପରେ ଗତ ଏପ୍ରିଲ ୧୪ରେ ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ଆମ୍ବେଦକର ମାର୍ଗ ଫଳକ ଢେଙ୍କାନାଳ ବାଇପାସ୍‌ଠାରେ ଲଗାଯାଇଥିଲା। ଫଳକ ଲଗାଯିବା ପରେ ଗତ ୧୯ ତାରିଖ ପୌରସଂସ୍ଥାରେ ଅନୁଷ୍ଠିତ ପୌର ପରିଷଦ ବୈଠକରେ ଦୁଇଜଣ କାଉନ୍‌ସିଲର ଏଥିପାଇଁ ଇଞ୍ଚେ ଜାଗା ଦିଆଯିବ ନାହିଁ ବୋଲି କହିଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ ଘୋର ବିରୋଧ କରାଯାଇଛି। ଆମ୍ବେଦକର ମାର୍ଗକୁ ବିରୋଧ କଲେ ଆଗାମୀ ଦିନରେ ଆନ୍ଦୋଳନ ତିବ୍ରତର କରାଯିବ ବୋଲି ଆମ୍ବେଦକର ସେବା ସଙ୍ଗଠନ ସଭାପତି ପ୍ରଦ୍ୟୁମ୍ନ କୁମାର ନାଏକ, ସମ୍ପାଦକ ଅବିନାଶ ଜେନା ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୈଳାସ ନାଏକ, ଅଶୋକ ମଲ୍ଲିକ, ଟିମନ ମଲ୍ଲିକ, ପ୍ରତାପ ନାଏକ ଓ ଚିତ୍ରସେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ

# ଟ୍ରକ୍ ଧକ୍କାରେ ୩ ଗାଈ ମୃତ

**ଭୁବନ, ୨୩।୭(ବିପିନ ବିହାରୀ ସେଠୀ)**

ଟ୍ରକ୍ ଚାଳକଙ୍କ ବେପରୁଆ ଗାଡ଼ିଚାଳନାରୁ ଦୁର୍ଘଟଣା ଘଟି ୩ ଗାଈଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲା ଭୁବନ ଥାନା ରାମକୃଷ୍ଣପୁର ଗ୍ରାମ ନିକଟ ଜାତୀୟ ରାଜପଥ ୫୩ରେ ଶନିବାର ଅପରାହ୍ନରେ ଘଟିଥିବା ଏଭଳି ଅଘଟଣ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତକ୍ରିୟା ସୃଷ୍ଟି କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଭୁବନରୁ କାମାକ୍ଷାନଗର ଆଡ଼କୁ ଏକ ୧୦ ଚକିଆ ଟ୍ରକ୍ ଦ୍ରୁତଗତିରେ ଯାଉଥିବାବେଳେ ଡ୍ରାଇଭର ଖାମଖିଆଲ ଭାବେ ରାସ୍ତା ପାର୍ଶ୍ୱକୁ ମାଡ଼ି ଯାଇଥିଲେ। ଫଳରେ ସେଠାରେ ଚରୁଥିବା ୩ ଗାଈଙ୍କ ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଟ୍ରକ୍‌କୁ କାବୁ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଡ୍ରାଇଭର ଗାଡ଼ି ଧରି ଫେରାର ହୋଇଯାଇଥିଲେ। ସୂଚନା ପାଇ ଭୁବନ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ଜାତୀୟ ରାଜପଥରେ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ୯ରେ ପାଚିକାଙ୍କ ବିକ୍ଷୋଭ

**ଢେଙ୍କାନାଳ,୨୩।୭(ରତନ ନାୟାର)**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ପାଚିକା ସଂଘର ଏକ ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ଭାରତୀ ଦାସ ବିବରଣୀ ଉପସ୍ଥାପନ କରିଥିଲେ। ୧୦ ମାସ ବଦଳରେ ୧୨ମାସର ପାରିଶ୍ରମିକ ପାଇଁ ଦାବି କରି ଆସୁଥିଲେ ମଧ୍ୟ ସରକାର ଶୁଣୁନାହାନ୍ତି। ୨୦୨୨ ମେ ଓ ଜୁନ୍ ଦୁଇ ମାସ ଛୁଟିରେ ପାଚିକାମାନେ କାର୍ଯ୍ୟ କରିଥିଲେ ମଧ୍ୟ ପାରିଶ୍ରମିକ ମିଳିନାହିଁ। ପାଚିକାଙ୍କୁ ମାସିକ ୩୦ ହଜାର ଟଙ୍କା ଦରମା, ୬୦ ବର୍ଷୀୟା ପାଚିକାଙ୍କୁ ଶିକ୍ଷା ବିଭାଗ ତରଫରୁ ପେନ୍‌ସନ୍, ଆକ୍ରୋଶମୂଳକ ଛଟେଇ ବନ୍ଦ, ଛଟେଇ ହୋଇଥିବା ପାଚିକାଙ୍କୁ ନିଯୁକ୍ତି, ଶିକ୍ଷା ବିଭାଗ ତରଫରୁ ପରିଚୟପତ୍ର ପ୍ରଦାନ, ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ଆଦି ଦାବିରେ ଆସନ୍ତା ଅଗଷ୍ଟ ୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିସହ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଶାନ୍ତିପ୍ରିୟା ସାହୁ, ଅଞ୍ଜଳି ବାରିକ, ସୁଷମା ଦାଶ, ସୁଭାସିନୀ ବେହେରା ପ୍ରମୁଖ ସୂଚନା ଦେଇଛନ୍ତି।


ପାଚିକା ସହାୟିକା ସଂଘର ବୈଠକ।

# ୨୬ରୁ ୬୬୨ ବର୍ଗ କଲେଜରେ ଝୁଲିବ ତାଲା

**ଢେଙ୍କାନାଳ,୨୩।୭(ରତନନାୟାର)**

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟରେ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନଙ୍କ ଏକ ଜରୁରୀ ବୈଠକ ରବିବାର କପିଳାସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଡ. ସମୀର କୁମାର ସାହୁ, ଜିଲା ସମ୍ପାଦକ ଅଧ୍ୟକ୍ଷ ପ୍ରଭାତ କୁମାର ସାମଲ, ଜିଲା ଉପସଭାପତି ଡ. କବିତା ମହାନ୍ତିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସରକାରଙ୍କ ଏହି ବର୍ଗର କଲେଜ୍ ପ୍ରତି ଥିବା ବୈମାତୃକ ମନୋଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାନ କାମକୁ ସମାନ ଦରମା, ପେନ୍‌ସନ୍ ସହ ଅବସରକାଳୀନ ସମସ୍ତ ସୁବିଧା ପ୍ରଦାନ, ୨୦୧୮ ଜିଓକୁ ସପ୍ତମ ବେତନ ପ୍ରଦାନ ଓ ବାଦ୍ ପଡିଥିବା କର୍ମଚାରୀଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ୬୬୨ ବର୍ଗର ଶିକ୍ଷକ ଓ କର୍ମଚାରୀମାନେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ୧୬୩ ଦିନ ହେବ ଅହୋରାତ୍ର ଧାରଣାରେ ବସିଛନ୍ତି। ସେମାନଙ୍କ ଦାବି ପ୍ରତି ଉଚ୍ଚ ଶିକ୍ଷା ବିଭାଗର ମନ୍ତ୍ରୀ ଓ ପଦାଧିକାରୀମାନେ କର୍ଣ୍ଣପାତ କରୁ ନ ଥିବାରୁ ଆସନ୍ତା ୨୬ରୁ ଏ ବର୍ଗର କଲେଜ୍ ସମୂହ ସମଗ୍ର ଓଡିଶାରେ ବନ୍ଦ ରହିବ। କଲେଜରେ ତାଲା ପକାଇ ସମୂହ ଛୁଟି ନେଇ ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ୍ ହେବା ପାଇଁ ସଭାରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ୬୬୨ ବର୍ଗ କଲେଜ୍‌ର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ୬୬୨ ବର୍ଗର ଅଧ୍ୟାପକ, କର୍ମଚାରୀମାନେ।

# ତୃଣମୂଳସ୍ତରରୁ ଦଳକୁ ମଜଭୁତ କର

## ବିଜେଡିର ସାଙ୍ଗଠନିକ ବୈଠକ

**ଢେଙ୍କାନାଳ,୨୩।୭(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ୍ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ରବିବାର ଗୋବିନ୍ଦପୁର ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ୍ ସଭାପତି ବିଭୁ ପ୍ରସାଦ ଦେହୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଅଶୋକ ପରିଡା, ପୂର୍ବତନ ସରପଞ୍ଚ ଅଖିଳ ଲେଙ୍କାଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ଏଥିରେ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସଦର ବ୍ଲକ୍‌ର ୨୧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ପୂର୍ବତନ ସମିତିସଭ୍ୟ ଯୋଗ ଦେଇଥିଲେ। ତୃଣମୂଳସ୍ତରରୁ କିପରି ଦଳକୁ କିପରି ଆହୁରି ମଜଭୁତ କରାଯିବ ସେ ନେଇ ସମସ୍ତ ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ଯୁବ ବିଜେଡି କର୍ମୀମାନେ ଶପଥ ନେଇଥିଲେ। ଏହି ଅବସରରେ ନବୀନ ପଟ୍ଟନାୟକ ଭାରତ ବର୍ଷର ଦ୍ୱିତୀୟ ଦୀର୍ଘତମ ସମୟର ଧରି ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ପ୍ରତିଷ୍ଠା କରିଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବିଜୁ ଜନତା ଦଳ ଯୁବ ସଭାପତି ଯେଶଷ ସାହୁ, ଗୋବିନ୍ଦପୁର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଲଗନ୍ ନାଏକ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ବଳଦିଆବନ୍ଧର ପୂର୍ବତନ ସରପଞ୍ଚ ସୁଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ବିଜେଡି କର୍ମୀମାନେ।

# ପୁତୁରା ପନିକି ଚୋଟରେ ବଡ଼ ମା’, ଭାଇ ଗୁରୁତର

**ଭୁବନ, ୨୩।୭(ବିପିନ ବିହାରୀ ସେଠୀ)**

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡ କୁମ୍ଭାର ସାହିରେ ରବିବାର ଅପରାହ୍ନରେ ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ପୁତୁରା ପନିକି ଚୋଟରେ ବଡ଼ ମା’ ଏବଂ ଭାଇ ଗୁରୁତର ହୋଇଛନ୍ତି।

ଘଟଣାରୁ ଜଣାପଡ଼ିଛି, ବ୍ରଜକିଶୋର ସାହୁ ଏବଂ ରମେଶ ସାହୁ ଦୁଇ ଭାଇ। ଉଭୟଙ୍କ ୪ ଗୁଣ୍ଠ ଜମି ରହିଛି। ଭାଗ ହୋଇଯାଇଥିବାରୁ ସେମାନେ ୨ ଗୁଣ୍ଠ ଲେଖାଏ ଜମିରେ ଚାଷ କରୁଥିଲେ। ଜମି ମଝିରେ ଏକ ପତଳା ହୁଡ଼ା ଥିଲା। ରବିବାର ପୂର୍ବାହ୍ନରେ ବ୍ରଜ ନିଜ ଭାଗ ଜମିରେ ଚାଷ କରିବାକୁ ଏକ ଟ୍ରାକ୍ଟର ନିୟୋଜିତ କରିଥିଲେ। ତେବେ ଟ୍ରାକ୍ଟର ଡ୍ରାଇଭର ଜାଣି ନ ପାରି ସମସ୍ତ ୪ ଗୁଣ୍ଠ ଜମି ସମେତ ହୁଡ଼ା ମଧ୍ୟ ଚାଷ କରିଦେଇଥିଲେ। ଏହାକୁ ନେଇ ରମେଶ ଉତ୍‌କ୍ଷିପ୍ତ ହୋଇ ବଡ଼ଭାଇ ବ୍ରଜଙ୍କୁ ପଚାରିଥିଲେ। ଡ୍ରାଇଭରଙ୍କ ଅଜାଣତରେ ଏଭଳି ହୋଇଯାଇଛି। ଚାଷ ବାବଦ ଟଙ୍କା ବ୍ରଜ ଭରଣା କରିବେ। ଏଥିରେ କୌଣସି ସମସ୍ୟା ହେବ ନାହିଁ ବୋଲି ବ୍ରଜ ଆଶ୍ୱାସନା ଦେଇଥିଲେ। ରମେଶ ଘଟଣା ସମ୍ପର୍କରେ ଆସି ଘରେ କହିବା ପରେ ତାଙ୍କ ପୁଅ ଚନ୍ଦନ (ହାପି) ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ରଜଙ୍କ ଘର ଆଗରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ବ୍ରଜଙ୍କ ପୁଅ ମାନସ ହସ୍ତକ୍ଷେପ କରିବା ସହ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ ତାଗିଦା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଚନ୍ଦନ ଏକ ପନିକିରେ ତାଙ୍କୁ ଆକ୍ରମଣ କରିଥିଲେ। ମାନସଙ୍କୁ ବଞ୍ଚାଇବାକୁ ଆସିଥିବା ତାଙ୍କ ମା’ ବିଜୁଳି ମଧ୍ୟ ଆକ୍ରମଣରୁ ବର୍ତ୍ତି ନ ଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ସାହିବାସୀ ପ୍ରଥମେ ଭୁବନ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଚନ୍ଦନଙ୍କୁ ସାହିବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ବିଜୁଳିଙ୍କ ବଡ଼ବୋହୂ ଶୈଳ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅଭିଯୁକ୍ତ ଚନ୍ଦନଙ୍କ ମା’ ସରୋଜିନୀ ମଧ୍ୟ ଅନ୍ୟ ଏକ ଅଭିଯୋଗ କରିଛନ୍ତି। ଦୁଇ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘଦିନରୁ ବିବାଦ ଚାଲିଥିଲା। ବ୍ୟକ୍ତିଗତ ବିବାଦରେ କେତେଜଣ ସାହିବାସୀ ହସ୍ତକ୍ଷେପ କରି ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ସ୍ୱାମୀ ରମେଶ ଗୁରୁତର ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।


ଭୁବନ ଡାକ୍ତରଖାନାରେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

# ଗାତ ଖୋଳି ଛାଡ଼ିଦେଲେ

**କାମାକ୍ଷାନଗର, ୨୩।୭ (ସୁଧୀର ପରିଡ଼ା)**

- ବର୍ଷାଦିନେ କରାଯାଉଛି ଡ୍ରେନ୍ ନିର୍ମାଣ
- ବେଫିକର ଠିକାଦାର, ଦୁର୍ଘଟଣା ବଢୁଛି

ଡ୍ରେନ୍ ପାଇଁ ଖୋଳାଯାଇଛି ଗାତ। ହେଲେ କାମ ହେଉନାହିଁ। ଗାତ ଖୋଳି ଅଧାପନ୍ତରିଆ ଭାବେ ଛାଡ଼ି ଦେଇଛନ୍ତି ଠିକାଦାର। ଫଳରେ ଗର୍ତ୍ତରେ କେତେବେଳେ ଗୋରୁ ତ ଆଉ କେବେ ମଣିଷ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ପୂର୍ତ୍ତ ବିଭାଗର ଦୂରଦୃଷ୍ଟି ଅଭାବରୁ ଢେଙ୍କାନାଳ ଜିଲା କାମାକ୍ଷାନଗରରେ ଏଭଳି ଅବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ବର୍ଷାଦିନେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, କାମାକ୍ଷାନଗର ଏନ୍‌ଏସି ମହିମା ମନ୍ଦିର ନିକଟ ଦାଶୀପୋଖରୀଠାରୁ ମଡ଼ିହାଟ ଆଡକୁ ଯାଇଥିବା ରାସ୍ତା କଡ଼ରେ ଉକ୍ତ ଡ୍ରେନ୍ ନିର୍ମାଣ କରାଯାଉଛି। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅନୁଦାନରେ କାର୍ଯ୍ୟ ହେଉଥିବାବେଳେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରେ ନିର୍ମାଣାଧୀନ ଏହି ଡ୍ରେନ୍ କେବଳ ଗାତଖୋଳାରେ ସୀମିତ ରହିଛି। କାର୍ଯ୍ୟ ନେଇଥିବା ଠିକାଦାରଙ୍କୁ ବିଭାଗୀୟ ଅଧିକାରୀ ତାଗିଦ କରୁ ନ ଥିବାରୁ କାମ ଅତି ମନ୍ଥର ଗତିରେ ଚାଲିଛି। ଫଳରେ ଉକ୍ତ ବ୍ୟସ୍ତବହୁଳ ରାସ୍ତାଟି ବିପଦସଙ୍କୁଳ ହୋଇପଡ଼ିଛି। ଛୋଟ ଛୋଟ ପିଲା ସାମାନ୍ୟ ଅସାବଧାନ ହେଲେ ଗାତରେ ପଡ଼ି ଜୀବନ ଯିବାର ଆଶଙ୍କା ରହିଛି। ତଥାପି ବିଭାଗୀୟ ଅଧିକାରୀ ଏଥିପ୍ରତି ଆଖି ବୁଜିଦେଇଥିବା ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏ ନେଇ କାମାକ୍ଷାନଗର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲ୍ଲିକ କୁହନ୍ତି, ବର୍ଷା କାରଣରୁ କାମ ବିଳମ୍ବ ହୋଇଥିଲା। ଏବେ କରି ଦିଆଯିବ। ସୂଚନା ଫଳକ ମଧ୍ୟ ଲଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।


ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ନିମନ୍ତେ ଗାତ ଖୋଳି ଛାଡ଼ି ଦିଆଯାଇଛି।

## ଭୁଶୁଡ଼ି ପଡ଼ିଲା ପଞ୍ଚାୟତ ପାଚେରି

କାମାକ୍ଷାନଗର ବ୍ଲକ ଅଁଳାବେରେଣି ପଞ୍ଚାୟତ କାର୍ଯ୍ୟାଳୟ ପାଚେରି ରବିବାର ଭୁଶୁଡ଼ି ପଡ଼ିଛି। ପ୍ରାୟ ୧୫ରୁ ୨୦ ଫୁଟ ପାଚେରି ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ନିମ୍ନମାନର କାମ ଯୋଗୁ ଲଗାଣବର୍ଷାରେ ପାଚେରି ଦୁର୍ବଳ ହୋଇ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ସହକାରୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରାଙ୍କ ନିକଟରେ କୌଣସି ସୂଚନା ନାହିଁ। ସେ ଏ ବିଷୟରେ ଜାଣି ନ ଥିବା କହିଛନ୍ତି।

